## ସଂକ୍ଷେପରେ

### ମୋତିଙ୍କୁ ବ୍ରୋଞ୍ଜ



**ବ୍ରହ୍ମପୁର ଅଫିସ୍,୧୭।୧୦:** ବିହାର ଗୟାରେ ଚାଲିଥିବା ଜାତୀୟ ଯୁବ ଏବଂ କନିଷ୍ଠ ଭାରୋତ୍ତୋଳନ ଚାମ୍ପିୟନ୍‌ଶିପ୍‌ରେ ଓଡ଼ିଶାକୁ ମିଳିଛି ଆଉ ଏକ ସଫଳତା। ଓଡ଼ିଶାର ମୋତି ଜାନି ୫୫କିଲୋ ଓଜନ ବର୍ଗରେ ଭାଗନେଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ସେ ସ୍ନାଚ୍‌ରେ ୬୯କିଲୋ ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୯୪କିଲୋ ସହ ମୋଟ ୧୬୩କିଲୋ ଓଜନ ଉଠାଇ ଏହି ସଫଳତା ହାସଲ କରିଛନ୍ତି। ତାଙ୍କୁ ବିଭିନ୍ନ କ୍ଷେତ୍ରରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ସୂଚନାଯୋଗ୍ୟ, ବୁଧବାର ଓଡ଼ିଶାର ମୁନା ନାୟକ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ।

### ଅପହରଣକାରୀ ଗିରଫ

**ବ୍ରହ୍ମପୁର ଅଫିସ,୧୭।୧୦:** ବ୍ରହ୍ମପୁର ବଡବଜାର ଥାନା ପୋଲିସ ବୁଧବାର ଜଣେ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀଙ୍କୁ ବ୍ରହ୍ମପୁର ରେଳଷ୍ଟେଶନରୁ ଗିରଫ କରିଛି। ଅଭିଯୁକ୍ତ ଜଣକ ଶଙ୍କରପୁର ସାହିର ରାଜା ଓରଫ ପିଣ୍ଟୁ ଦାସ (୨୨)। ପୋଲିସ ମାମଲା ନଂ. ୧୪୩/୧୯ରେ ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।
ପ୍ରକାଶ ଯେ, ରାଜା ଗତବର୍ଷ ନଭେମ୍ବରରେ ଜଣେ ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ଏନେଇ ପୀଡିତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପୀଡିତାଙ୍କୁ ଉଦ୍ଧାର କରିବା ପରେ ତାଙ୍କର ଡାକ୍ତରୀ ମଇନା କରିଥିଲା। ଏପରିକି ଧାରା ୧୬୪ରେ କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ପରେ ନାବାଳିକାଙ୍କୁ କୋର୍ଟ ନିର୍ଦ୍ଦେଶ କ୍ରମେ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଛି ବୋଲି ପୋଲିସ କହିଛି।

### ବ୍ରାହ୍ମଣ ପୁରୋହିତ ସମିତି ବୈଠକ

**ବ୍ରହ୍ମପୁର ଅଫିସ,୧୭।୧୦:** ଗଞ୍ଜାମ ଜିଲା ବ୍ରାହ୍ମଣ ପୁରୋହିତ ସମିତି ବୈଠକ ଗୁରୁବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଜାନୁୟାରୀ ୧୦ରୁ ଦୁଇଦିନିଆ ବାର୍ଷିକ ସମ୍ମିଳନୀ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଏଥିରେ ସଭାପତି ଉମାବଲ୍ଲଭ ଦାସ ଅଧକ୍ଷତା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ପଣ୍ଡିତ ନୀଳମାଧବ ତ୍ରିପାଠୀ, ସମ୍ପାଦକ ସନ୍ତୋଷ କୁମାର ତ୍ରିପାଠୀଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ନଭେମ୍ବର ୮ ଏକାଦଶୀ ତିଥିରେ ହେବାକୁ ଥିବା ଆଧାତ୍ମିକ କାର୍ଯ୍ୟକ୍ରମ ଓ ବିଷ୍ଣୁ ସହସ୍ର ନାମ ପାରାୟଣ କାର୍ଯ୍ୟରେ ସମିତି ସହଯୋଗ କରିବାକୁ ମତ ପ୍ରକାଶ ପାଇଥିଲା ।

## ବଡ଼ ମେଡିକାଲ୍‌ରେ ପ୍ରତୀକ୍ଷା ଯନ୍ତ୍ରଣା

# ଔଷଧ ୩ଘଣ୍ଟା, ପରୀକ୍ଷା ୪ଘଣ୍ଟା

**ବ୍ରହ୍ମପୁର ଅଫିସ୍,୧୭।୧୦**

ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ ଉପରେ ଦକ୍ଷିଣ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶର ରୋଗୀମାନେ ନିର୍ଭର କରୁଛନ୍ତି। ବିଭିନ୍ନ ଯୋଜନାରେ ସରକାର ଏବେ ଅନେକ ସୁବିଧା ମାଗଣା କରି ଦେଇଥିବାରୁ ମେଡ଼ିକାଲ୍‌ରେ ରୋଗୀଙ୍କ ସଂଖ୍ୟା ବଢୁଛି । ହେଲେ ତଦନୁଯାୟୀ ଭିତ୍ତିଭୂମି ବିକାଶ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ସୀମିତ ଭିତ୍ତିଭୂମି ଏବଂ ସମ୍ବଳରେ ଚାଲିଛି ବଡ଼ ମେଡ଼ିକାଲ। ପରିସ୍ଥିତି ଏମିତି, ରୋଗୀଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି । ନିରାମୟ ଔଷଧ ପାଇବାକୁ ୩ଘଣ୍ଟାରୁ ଅଧିକ ଏବଂ ଆଞ୍ଚଳିକ ନିଦାନ କେନ୍ଦ୍ର(ଆର୍‌ଡିସି)ରେ ରକ୍ତ ଏବଂ ଅନ୍ୟାନ୍ୟ ପରୀକ୍ଷା ପାଇଁ ୪ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଲାଗୁଛି। ଏହା ରୋଗୀ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରୁଛି।

ରୋଗୀଙ୍କୁ ମାଗଣାରେ ଔଷଧ ଯୋଗାଇବା ପାଇଁ ୨୦୧୫ରେ ରାଜ୍ୟ ସରକାର ଆରମ୍ଭ କରିଥିଲେ ନିରାମୟ ଯୋଜନା। ଏଥିରେ ବଡ଼ ମେଡ଼ିକାଲ୍‌ରେ ୮ କାଉଣ୍ଟର୍ ଖୋଲାଯାଇଛି। ପୁରୁଷଙ୍କ ପାଇଁ ୪ ଏବଂ ମହିଳାଙ୍କ ପାଇଁ ୪ କେନ୍ଦ୍ର ରହିଛି। ହେଲେ ରୋଗୀଙ୍କ ସଂଖ୍ୟା ଅଧିକ ଥିବା ଯୋଗୁ



ନିରାମୟ କେନ୍ଦ୍ରରେ ଧାଡିରେ ଠିଆ ହୋଇଥିବା ଲୋକେ।

ଏହି ୮ କେନ୍ଦ୍ର ମଧ୍ୟ ନିଅଣ୍ଟ ପଡୁଛି । ଧାଡ଼ିରେ ଠିଆ ହୋଇଥିବା କେତେକ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ କହିବାନୁଯାୟୀ, ସେମାନଙ୍କ ମଧ୍ୟରୁ ଅନେକ ୩ଘଣ୍ଟାରୁ ଅଧିକ ସମୟ ଠିଆ ହେଉଛନ୍ତି। ସେଥିରେ ପୁଣି ଅନେକ ଔଷଧ ମିଳୁନି । ଡାକ୍ତର ଯଦି ୧୦ ଔଷଧ ଲେଖିଥିବେ, ତେବେ ସେଥିରୁ ୬ ମିଳିବା କଷ୍ଟକର। ଔଷଧ ଚିଠା ଲେଖିବା ବେଳେ ଡାକ୍ତର କହୁଛନ୍ତି, ସବୁ ନିରାମୟ କେନ୍ଦ୍ରରେ ମିଳିବ। ହେଲେ ଅଧିକାଂଶ ମିଳୁନି। ଯେଉଁ ଔଷଧ ସବୁ ବାହାରୁ କିଣିବାକୁ ପଡୁଛି, ତାହାର ଦାମ୍ ଯଥେଷ୍ଟ ଅଧିକ ରହୁଛି । ଗରିବ ରୋଗୀଙ୍କ ପାଇଁ ଅଧିକ ଦାମ୍‌ରେ ଔଷଧ କିଣିବା ସମ୍ଭବ

> ■ମାଗଣା ଯୋଗୁ ବଢୁଛି ଭିଡ଼
> ■ବଢୁନି ଭିତ୍ତିଭୂମି, ମାନବସମ୍ବଳ

ହେଉନାହିଁ। ଅନ୍ୟପଟେ ଡାକ୍ତରମାନେ ଔଷଧ କମ୍ପୋଜିଶନ୍ ଲେଖିବା ବଦଳରେ କମ୍ପାନୀର ନାମ ଲେଖୁଛନ୍ତି। ବଡ଼ ବଡ଼ କମ୍ପାନୀ ଔଷଧ ନିରାମୟ କେନ୍ଦ୍ରରେ ମିଳୁନି। ଜେନେରିକ୍ ବଦଳରେ ବ୍ରାଣ୍ଡେଡ୍ ଔଷଧ ଲେଖାଯାଉଛି। ଡାକ୍ତର ଏବଂ ଔଷଧ କମ୍ପାନୀଙ୍କ ମଧ୍ୟରେ ଭିତିରି ସଲାସୁତରାର ଶିକାର ହେଉଛନ୍ତି ଗରିବ ରୋଗୀ। ଏଣୁ ରାଜ୍ୟ ସରକାର ତୁରନ୍ତ ନିରାମୟ କେନ୍ଦ୍ରରେ କାଉଣ୍ଟର୍ ବଢ଼ାଇବାର ଆବଶ୍ୟକତା ରହିଛି। ସେହିଭଳି କେନ୍ଦ୍ରରେ ଅଧିକ ପ୍ରକାରର ଔଷଧ ଉପଲବ୍ଧ କରାଗଲେ, ରୋଗୀମାନେ ଔଷଧ କମ୍ପାନୀ ଓ ଡାକ୍ତରଙ୍କ ଶୋଷଣରୁ ମୁକ୍ତି ପାଇପାରିବେ ବୋଲି ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟମାନେ ପ୍ରକାଶ କରିଛନ୍ତି।

ସେହିଭଳି ରୋଗ ଚିହ୍ନିବା ପାଇଁ ରୋଗୀଙ୍କ ରକ୍ତ, ମଳ ଓ ମୂତ୍ର ଆଦି ପରୀକ୍ଷା କରିବା ଜରୁରୀ। ବଡ଼ ମେଡ଼ିକାଲ୍‌ରେ ଆର୍‌ଡିସି ଏବଂ କଲେଜରେ ପରୀକ୍ଷା ବ୍ୟବସ୍ଥା ରହିଛି । ହେଲେ କଲେଜ ଅପେକ୍ଷା ଆର୍‌ଡିସିରେ ଭିଡ଼ ଅଧିକ ରହୁଛି । ସମସ୍ତ ପ୍ରକାର ପରୀକ୍ଷା ସୁବିଧା ଥିବା ଯୋଗୁ ଏଠାରେ ରୋଗୀଙ୍କ ସଂଖ୍ୟା ମଧ୍ୟ ଅଧିକ ରହୁଛି। ଅନେକ ସମୟରେ ରୋଗୀଙ୍କୁ ପ୍ରାୟ ୪ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ଖରା, ବର୍ଷା ମାଡ଼ ଖାଇ ରୋଗୀ ଏବଂ ସମ୍ପର୍କୀୟମାନେ ପରୀକ୍ଷା ପାଇଁ ନମୂନା ଦେବାକୁ ଧାଡ଼ିରେ ଅପେକ୍ଷା କରୁଛନ୍ତି। ସେଥିରେ ପୁଣି ନମୂନା ସଂଗ୍ରହ ପାଇଁ ୨ କାଉଣ୍ଟର୍ ରହିଛି। ଜଣେ ରୋଗୀ ଗୋଟିଏ କାଉଣ୍ଟର୍‌ରେ ୪ଘଣ୍ଟା ଠିଆ ହୋଇ ରକ୍ତ ନମୂନା ଦେବା ପରେ ମୂତ୍ର ନମୁନା ଦେବାକୁ ଧାଡିରେ ଠିଆ ହେବାକୁ ପଡୁଛି। ଏକକ କାଉଣ୍ଟର୍ ପାଇଁ ଦୀର୍ଘ ଦିନ ହେଲା ଦାବି ହେଉଥିଲେ ମଧ୍ୟ ତାହା ପୂରଣ ହୋଇପାରୁନି। ଦିନକୁ ପ୍ରାୟ ୪ଶହ ରୋଗୀ ଆସୁଛନ୍ତି। ପୂର୍ବାହ୍ନ ସାଢ଼େ ୯ରୁ ସାଢ଼େ ଗୋଟାଏ ଏବଂ ଅପରାହ୍ନ ୩ରୁ ୬ଟା ପର୍ଯ୍ୟନ୍ତ ନମୂନା ସଂଗ୍ରହ କରାଯାଉଛି। ୧୫ କର୍ମଚାରୀଙ୍କର ଆବଶ୍ୟକତା ଥିବା ବେଳେ ଅଛନ୍ତି ମାତ୍ର ୧୦ଜଣ। ଫଳରେ ଆର୍‌ଡିସିରେ ପରୀକ୍ଷା ବ୍ୟବସ୍ଥାରେ ଗୁରୁତର ଅବ୍ୟବସ୍ଥା ଦେଖିବାକୁ ମିଳୁଛି ।

ଏନେଇ ପ୍ରଶାସନିକ ଅଧିକାରୀ ସଚ୍ଚିଦାନନ୍ଦ ନାୟକ କୁହନ୍ତି, ନୂଆ କୋଠାକୁ ସ୍ଥାନାନ୍ତର ପରେ ଆର୍‌ଡିସି ବ୍ୟବସ୍ଥିତ ହୋଇଯିବ । ସେଠାରେ ଅଧିକ ଜାଗା ଥିବା ଯୋଗୁ ଭିଡ଼ ହେବ ନାହିଁ। ସେହିଭଳି ନିରାମୟ କେନ୍ଦ୍ର ଲାଗି ଅଧିକ ପ୍ରକାର ଔଷଧ କିଣିବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

## ବସ୍ତିବାସିନ୍ଦାଙ୍କୁ ପ୍ରମାଣପତ୍ର ଦେବାକୁ ଦାବି

**କବିସୂର୍ଯ୍ୟନଗର,୧୭।୧୦**

କବିସୂର୍ଯ୍ୟନଗର ଏନ୍‌ଏସି ୱାର୍ଡ ନଂ. ୧୮ ଓ ୧୩ର କେତେକ ଗରିବ, ଅବଶିଷ୍ଟ ପରିବାର ବସ୍ତିବାସିନ୍ଦାଙ୍କୁ ପ୍ରମାଣପତ୍ର ପ୍ରଦାନ ପାଇଁ ଦାବି କରିଛନ୍ତି ବସ୍ତିବାସିନ୍ଦା। ଏନେଇ ୨୦୦ରୁ ଅଧିକ ହିତାଧିକାରୀଙ୍କ ଏକ ଦସ୍ତଖତ ସମ୍ବଳିତ ଅଭିଯୋଗପତ୍ର ମୁଖ୍ୟମନ୍ତ୍ରୀ, ଗୃହ ଓ ନଗର ଉନ୍ନୟନ ବିଭାଗ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ଅତିରିକ୍ତ ଜିଲାପାଳ, ସ୍ଥାନୀୟ ତହସିଲଦାର ଓ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ପତ୍ର ମାଧ୍ୟମରେ ଏନ୍‌ଏସି କର୍ତ୍ତୃପକ୍ଷ ପାତରଅନ୍ତର ନୀତି, ରାଜନୈତିକ ମନ୍ଦ ଉଦ୍ଦେଶ୍ୟ ରଖି ସର୍ଭେ ତାଲିକାରୁ ବାଦ ଦିଆଯାଇଥିବା ଦର୍ଶାଇଛନ୍ତି। ସରକାରଙ୍କ ମହତ୍ ଯୋଜନାରୁ ଗରିବ ବସ୍ତିବାସିନ୍ଦା ବଞ୍ଚିତ ହୋଇ ନିରୁତ୍ସାହିତ ଅବସ୍ଥାରେ ଦିନ କାଟୁଛନ୍ତି। ଏହାର ଉପଯୁକ୍ତ ତଦନ୍ତ କରି ଅଧିକାର ଆଇନ ୨୦୧୭ ପ୍ରକାରେ ଯଥାଶୀଘ୍ର ବସ୍ତିବାସିନ୍ଦା ପ୍ରମାଣପତ୍ର ପ୍ରଦାନ କରିବାକୁ ଦାବି କରିଛନ୍ତି। ସେମାନେ ହେଲେ ସୁଙ୍ଖାନୀ ନଗରର କନକ ମଳିକ, ଲକ୍ଷ୍ମୀ ଡାକୁଆ, ସୁଷମା ପ୍ରଧାନ, ରୁନୁ ଜେନା, ମୀନାକ୍ଷୀ ପ୍ରଧାନ ଓ ସାଇବାଣୀ ନାହାକ ପ୍ରମୁଖ ୨୦ରୁ ଅଧିକ ବସ୍ତିବାସିନ୍ଦା ।



ସଂକ୍ରାନ୍ତି ପାଇଁ ବ୍ରହ୍ମପୁର ଗେଟ୍‌ବଜାରରେ ମହିଳାମାନେ ପୂଜା ସାମଗ୍ରୀ କିଣୁଛନ୍ତି । (ଫଟୋ-ସମୀର)

## ଆରସିଇପି ସ୍ୱାକ୍ଷରକୁ ସ୍ୱଦେଶ ଜାଗରଣ ମଞ୍ଚର ବିରୋଧ

# ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ବ୍ରହ୍ମପୁର ଅଫିସ,୧୭।୧୦**

ବିଶ୍ୱର ୧୫ଦେଶ ସହ ମିଶି ଭାରତ ସରକାର ସ୍ୱାକ୍ଷର କରିବାକୁ ଥିବା ରେଜିଓନାଲ କମ୍ପ୍ରେହେନ୍‌ସିଭ୍ ଇକୋନୋମିକ୍ ପାର୍ଟନରଶିପ୍ (ଆରସିଇପି) ସ୍ୱାକ୍ଷରକୁ ବିରୋଧ କରିଛି ସ୍ୱଦେଶ ଜାଗରଣ ମଞ୍ଚ। ଏନେଇ ଗୁରୁବାର ମଞ୍ଚ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ବ୍ରହ୍ମପୁର ଉପଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଭାରତ ସରକାର ଅନ୍ୟ ୧୫ ଦେଶଙ୍କ ସହ ମିଶି ସ୍ୱାକ୍ଷର କରିବାକୁ ଯାଉଥିବା ଆରସିଇପି ନାମକ ମୁକ୍ତ ବ୍ୟାପାର ବୁଝାମଣାରେ ଦେଶକୁ ଆମଦାନୀ ହେଉଥିବା ୮୦ ରୁ ୯୦ ପ୍ରତିଶତ ବସ୍ତୁମାନଙ୍କ ଉପରୁ ଆମଦାନୀ ଶୁଳ୍କ ଶୂନ ରହିବାର ବ୍ୟବସ୍ଥା ରହିଛି । ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହେଲେ ଆଗାମୀ ଦିନରେ ଭାରତର ଶିଳ୍ପ, କୃଷି, ଗୋପାଳନ ପ୍ରଭାବିତ ହେବା ସହ ଉଦ୍ୟୋଗ, ଜ୍ଞାନକୌଶଳ, ଉଦ୍ଭାବନ କ୍ଷମତା ହ୍ରାସ ପାଇବ । ଏଥିସହ ମେକ ଇନ୍ ଇଣ୍ଡିଆ ମୁଭମେଣ୍ଟ ବନ୍ଦ ହେବାର ସମ୍ଭାବନା ସୃଷ୍ଟି ହେବ ବୋଲି ମଞ୍ଚ ଦାବି ପତ୍ରରେ ଉଲ୍ଲେଖ କରିଛି । ବର୍ତ୍ତମାନ ଚାଇନା ପ୍ରସ୍ତୁତ ଦ୍ରବ୍ୟ ଆମଦାନୀ ବନ୍ଦ ପରେ ମଧ ଦେଶର ଅନେକ ଉଦ୍ୟୋଗ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଛି। ଏହି ସମୟରେ ଆରସିଇପି ସ୍ୱାକ୍ଷରିତ ହେଲେ ଶିଳ୍ପ ଉଦ୍ୟୋଗ ବନ୍ଦ ହେବା ସହ ଶ୍ରମିକମାନଙ୍କ ରୋଜଗାର ମଧ ପ୍ରଭାବିତ ହେବ। ବୁଝାମଣା ପତ୍ର ସ୍ୱାକ୍ଷରିତ ହେଲେ ନ୍ୟୁଜଲାଣ୍ଡ, ଅଷ୍ଟ୍ରେଲିଆରୁ ବିନା ଶୁଳ୍କରେ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଆମଦାନୀ ହେବ। ଯାହାଦ୍ୱାରା ଦେଶର ଦୁଗ୍ଧଜାତ ଦ୍ରବ୍ୟର ମୂଲ୍ୟ ହ୍ରାସ ପାଇବ। ଫଳରେ ଗ୍ରାମାଞ୍ଚଳରେ ଗୋପାଳନ ଓ ଦୁଗ୍ଧଚାଷ ଉପରେ ନିର୍ଭର କରୁଥିବା ପ୍ରାୟ ୧୦ କୋଟି ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହେବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ତେଣୁ ସରକାର ଏହି ବୁଝାମଣା ପତ୍ର ସ୍ୱାକ୍ଷରରୁ ନିବୃତ୍ତ ରହିବାକୁ ମଞ୍ଚ ଦାବି କରିଛି । ଏଥିରୁ ନିବୃତ୍ତ ନ ହେଲେ ଏହା ବିରୋଧରେ ତୀବ୍ର ଜନଆନ୍ଦୋଳନ କରିବାକୁ ମଞ୍ଚ ଚେତାବନୀ ଶୁଣାଇଛି। ଦାବିପତ୍ର ପ୍ରଦାନ ବେଳେ ସ୍ୱଦେଶୀ ଜାଗରଣ ମଞ୍ଚ ଗଞ୍ଜାମ ବିଭାଗ ସଂଯୋଜକ ପ୍ରସନ୍ନ କୁମାର ଛୋଟରାୟ, ଜିଲା ସଂଯୋଜକ ବିନୋଦ ବିହାରୀ ନାୟକ, ଜିଲା ସହ ସଂଯୋଜକ ସନତ ପଣ୍ଡା, ବ୍ରହ୍ମପୁର ମହାନଗର ସଂଯୋଜକ ସଞ୍ଜୀବ ପଟ୍ଟନାୟକ, ବିଭି ସାଗର ଓ ପ୍ରଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ସେପ୍ଟେଜ ବିଶୋଧନାଗାର ପରିଚାଳନା କର୍ମଶାଳା

# ଭାଗନେଲେ ୪ ଏସ୍ଏଚ୍‌ଜିର ୪୦ ମହିଳା

**ବ୍ରହ୍ମପୁର ଅଫିସ,୧୭।୧୦**

ମହିଳା ସ୍ୱୟଂସହାୟକ ଗୋଷ୍ଠୀ (ଏସ୍ଏଚଜି)ଙ୍କୁ ସୁଦୃଢ କରିବାକୁ ବ୍ରହ୍ମପୁର ମହାନଗର ନିଗମ ଆଉ ଏକ ପଦକ୍ଷେପ ଗ୍ରହଣ କରିଛି। ପୂର୍ବରୁ ମହିଳା ଏସ୍ଏଚଜିଙ୍କୁ ଶୌଚାଳୟ ପରିଚାଳନା ଦିଗରେ ନିୟୋଜିତ କରାଯାଇଥିଲା। ଏବେ ମହୁଡାରେ ନିର୍ମିତ ସେପ୍ଟେଜ ବିଷୋଧନାଗାର ପରିଚାଳନା କରିବାକୁ ବିଏମ୍‌ସି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଯାହା ଓଡିଶାର ପ୍ରଥମ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ଏନେଇ ଗୁରୁବାର ନିଗମ ସମ୍ମିଳନୀ କକ୍ଷରେ ଏସ୍ଏଚଜିଙ୍କ ଦୁଇଦିନିଆ କର୍ମଶାଳା ଶୁଭାରମ୍ଭ ହୋଇଛି। ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ବିଏମ୍‌ସି ଦ୍ୱାରା ଚୟନ ୪ ମହିଳା ଏସ୍ଏଚଜିର ୪୦ ମହିଳାଙ୍କୁ ସେପ୍ଟେଜ ବିଶୋଧନାଗାର ପରିଚାଳନା ଓ କାର୍ଯ୍ୟ ଉପରେ ତାଲିମ ପ୍ରଦାନ କରାଯାଇଥିଲା । ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଟେକ୍ନିକାଲ ସପୋର୍ଟ ୟୁନିଟ ଅଧିକାରୀମାନେ ଉପସ୍ଥିତ ରହି ପ୍ଲାଣ୍ଟରେ ମଳ ବିଶୋଧନର ସ୍ତରୀକରଣ ଓ ପ୍ରଣାଳୀ ଉପରେ ଏସ୍ଏଚଜିଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସ୍ତି ଉନ୍ନୟନ ଅଧିକାରୀ ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ସମେତ ଜାତୀୟ ସହରାଞ୍ଚଳ ଜୀବିକା ମିଶନ(ଏନୟୁଏଲଏମ୍) କର୍ମକର୍ତ୍ତା ଉପସ୍ଥିତ ଥିଲେ। ତେବେ ଏହି ଦୁଇଦିନିଆ କର୍ମଶାଳାରେ ଏସ୍ଏସଜିଙ୍କୁ ଅଗାମୀ ଦିନରେ ମହୁଡାସ୍ଥିତ ବିଶୋଧନାଗାରର ସମ୍ପୂର୍ଣ୍ଣ ପରିଚାଳନା ଦାୟିତ୍ୱ ପ୍ରଦାନ କରାଯିବ। ଉକ୍ତ ଏସ୍ଏଚଜିର ମହିଳାମାନେ ପ୍ଲାଣ୍ଟର ରକ୍ଷଣାବେକ୍ଷଣ ପରିଚାଳନା କରିବେ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

> ■ଓଡ଼ିଶାରେ ପ୍ରଥମ
> ■ଏସ୍ଏଚ୍‌ଜି କରିବେ ବିଶୋଧନାଗାର ପରିଚାଳନା



ମଞ୍ଚାସୀନ କମିଶନର ଓ ଅନ୍ୟମାନେ।

## ବ୍ରହ୍ମପୁର ଆଇଟିଆଇ ଆପ୍ରେଣ୍ଟିସ୍‌ସିପ୍ ପଖୋଡା କାର୍ଯ୍ୟକ୍ରମ

# ଭାଗନେଲେ ଗଞ୍ଜାମ ଜିଲାର ୧୦ କ୍ଷୁଦ୍ର ଅନୁଷ୍ଠାନ

**ବ୍ରହ୍ମପୁର ଅଫିସ,୧୭।୧୦**

ଛାତ୍ରୀଛାତ୍ରଙ୍କୁ ନିଜ ଅଞ୍ଚଳ ମଧ୍ୟରେ ଆପ୍ରେଣ୍ଟିସ୍‌ସିପ୍ ତାଲିମ ପ୍ରଦାନ କରାଇବାକୁ ନେଇ ବ୍ରହ୍ମପୁର ଆଇଟିଆଇ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଆରମ୍ଭ ହୋଇଛି । ଏନେଇ ଅନୁଷ୍ଠାନ ପକ୍ଷରୁ ଆପ୍ରେଣ୍ଟିସ୍‌ସିପ୍ ପଖୋଡା (ପକ୍ଷ) କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷ ଡ. ରଜତ କୁମାର ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏମ୍ପ୍ଲୟମେଣ୍ଟ ଏଜେନ୍ସି ଆଞ୍ଚଳିକ ନିର୍ଦ୍ଦେଶକ ଆର.ଏମ୍. ଖିଲାନା, ଆନ୍ଧ୍ରବ୍ୟାଙ୍କ ଶାଖା ପ୍ରବନ୍ଧକ ପ୍ରିୟମ୍ବଦା ରଥ, ଟାଟା ଷ୍ଟ୍ରାଇଭ ଓଡିଶା ପ୍ରୋଜେକ୍ଟ ମ୍ୟାନେଜର ସଙ୍ଗୀତା ମିଶ୍ର, ଆଇଆରଇ ଡେପୁଟି ଜେନେରାଲ ମ୍ୟାନେଜର ନାଗେଶ୍ୱର ସାଇ, ଜୟଶ୍ରୀ କେମିକାଲ ସିନିୟର ମ୍ୟାନେଜର ପ୍ରଶାନ୍ତ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବରୁ ଆଇଟିଆଇରେ ଅଧ୍ୟୟନ ପରେ ଆପ୍ରେଣ୍ଟିସ୍‌ସିପ୍ ତାଲିମ ପାଇଁ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ବାହାରର ବିଭିନ୍ନ ଶିଳ୍ପାନୁଷ୍ଠାନକୁ ଯିବାକୁ ପଡୁଥିବା ବେଳେ ଏଣିକି ଛାତ୍ରୀଛାତ୍ରମାନେ ଅନୁଷ୍ଠାନ ପକ୍ଷରୁ ନିଜ ଅଞ୍ଚଳ ତଥା ଗଞ୍ଜାମ ଜିଲା ମଧ୍ୟରେ ଏହି ତାଲିମ ସୁବିଧା ପାଇପାରିବେ ବୋଲି ଅଧକ୍ଷ ସୂଚାଇଥିଲେ। ଏହି ଅବସରରେ ଗଞ୍ଜାମ ଜିଲାର ୧୦ ସଂସ୍ଥାକୁ ଆଇଟିଆଇ ପକ୍ଷରୁ ଆପ୍ରେଣ୍ଟିସ୍‌ସିପ୍ ତାଲିମ ପାଇଁ ରେଜିଷ୍ଟ୍ରେଶନ କରାଯାଇଥିଲା । ଏଥିସହ ଅଧିକ ଛାତ୍ରଙ୍କୁ ଆପ୍ରେଣ୍ଟିସ୍‌ସିପ୍ ତାଲିମ ପ୍ରଦାନ ପାଇଁ ଆଇଆରଇକୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆପ୍ରେଣ୍ଟିସ୍‌ସିପ୍ ତାଲିମ ଶେଷ କରିଥିବା ୫ ଛାତ୍ରଙ୍କୁ ମଧ ଏହି ପରିପ୍ରେକ୍ଷୀରେ ସମ୍ମାନିତ କରାଯାଇଥିଲା । ଏହି ପକ୍ଷରେ ଗଞ୍ଜାମ ଜିଲାର ୧୦ ପ୍ରମୁଖ କୁଟୀର ଓ କ୍ଷୁଦ୍ର ଶିଳ୍ପ ଭିତ୍ତିକ ଅନୁଷ୍ଠାନ ଭାଗ ନେଇଥିଲେ । ଏଥିରେ ବ୍ରହ୍ମପୁର ଆଇଟିଆଇର ବିଭିନ୍ନ ଟ୍ରେଡର ୫୦ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇ ସେମାନଙ୍କୁ ଅଫର ଲେଟର ପ୍ରଦାନ କରାଯାଇଛି । ତେବେ ଚୟନ ଛାତ୍ରୀଛାତ୍ରମାନେ ପଖୋଡାରେ ଭାଗ ନେଇଥିବା ଗଞ୍ଜାମ ଜିଲାର ଅନୁଷ୍ଠାନଗୁଡିକରେ ଏକ ବର୍ଷ ଧରି ଆପ୍ରେଣ୍ଟିସ୍‌ସିପ୍ ତାଲିମ ଗ୍ରହଣ କରିବା ସହ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ନ୍ୟାଶନାଲ ଆପ୍ରେଣ୍ଟିସ୍‌ସିପ୍ ସାର୍ଟିଫିକେଟ ପାଇବେ। ଏହି ସାର୍ଟିଫିକେଟ ଦ୍ୱାରା ରାଜ୍ୟ ଓ ବାହାରେ ନିଜ ଟ୍ରେଡ ଓ ତାଲିମ ମୁତାବକ ନିଯୁକ୍ତି ପାଇବେ ବୋଲି ଅନୁଷ୍ଠାନର ଅଧକ୍ଷ ଡ. ପାଣିଗ୍ରାହୀ ସୂଚାଇଛନ୍ତି ।




ଆପ୍ରେଣ୍ଟିସ୍‌ସିପ୍ ତାଲିମ ଶେଷ କରିଥିବା ଜଣେ ଛାତ୍ରଙ୍କୁ ସମ୍ମାନିତ କରାଯାଉଛି ।

> **ଜିଲା ମଧ୍ୟରେ ଆପ୍ରେଣ୍ଟିସ୍‌ସିପ୍ ତାଲିମ**

## ସଂକ୍ଷେପରେ

### ଚୋର ଗିରଫ, ମୋବାଇଲ ଫୋନ ଜବତ

**ବ୍ରହ୍ମପୁର ଅଫିସ,୧୭।୧୦:** ସରକାରୀ ରେଲୱେ ପୋଲିସ ଜଣେ ଚୋରଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ସଦର ଥାନା ଅନ୍ତର୍ଗତ ସୁକୁଣ୍ଡା ଗ୍ରାମର ବାବୁ ଚରଣ ପ୍ରଧାନ (୩୩)। ପୋଲିସ ତାଙ୍କ ନିକଟରୁ ଚୋରି ମୋବାଇଲ ଫୋନ ଜବତ କରିଥିବା କହିଛି। ମାମଲା ନଂ. ୮୯/୧୯ ରେ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି ବୋଲି ପୋଲିସ କହିଛି। ଆସିକା ମୁକୁନ୍ଦପୁର ଗ୍ରାମର ପବିତ୍ର ପଣ୍ଡା କୌଣସି କାମରେ ଭୁବନେଶ୍ୱର ଯାଇଥିଲେ। ବୁଧବାର ସେ ମେମୋ ଟ୍ରେନରେ ଆସି ବ୍ରହ୍ମପୁର ରେଲଷ୍ଟେଶନର ପ୍ଲାଟଫର୍ମ-୨ରେ ରାତି ପ୍ରାୟ ୧୧ଟାରେ ପହଞ୍ଚିଥିଲେ। ଭିଡ ଭିତରେ ତାଙ୍କ ପକେଟରୁ ବାବୁ ଏକ ମୋବାଇଲ ଫୋନ ଚୋରି କରି ଖସି ପଳାଉଥିବା ବେଳେ ଜିଆରପି ପୋଲିସ ହାବୁଡ଼ରେ ଧରାପଡି ଗିରଫ ହୋଇଥିଲେ।

### ଡ୍ରାଇଭିଂ ଲାଇସେନ୍ସ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

### ଶଶିଭୂଷଣ ମହିଳା କଲେଜ, ଦିଗପହଣ୍ଡି ବ୍ଲକରେ କ୍ୟାମ୍ପ

**ଛତ୍ରପୁର,୧୭।୧୦(ଡି.ଏନ.ଏ):** ନୂଆ ମୋଟରଯାନ ଆଇନ ଲାଗୁ ହେବା ପରେ ଯାନବାହନର କାଗଜପତ୍ର ଓ ଡ୍ରାଇଭିଂ ଲାଇସେନ୍ସ ପାଇଁ ଛତ୍ରପୁରସ୍ଥିତ ଆରଟିଓ କାର୍ଯ୍ୟାଳୟରେ ଭିଡ ହେଉଛି। ଏହି ଭିଡ ଓ ସମସ୍ୟାକୁ ଏଡାଇବା ପାଇଁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଆରଟିଓ ସଞ୍ଜୟ କୁମାର ବିଶ୍ୱାଳ ଜିଲାର ବିଭିନ୍ନ ସ୍ଥାନରେ ଡ୍ରାଇଭିଂ ଲାଇସେନ୍ସ ପାଇଁ କ୍ୟାମ୍ପ କରିବାକୁ ସ୍ଥିର କରିଛନ୍ତି। ଶୁକ୍ରବାରଠାରୁ ୨୦ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ବ୍ରହ୍ମପୁରସ୍ଥିତ ଶଶିଭୂଷଣ ମହିଳା ମହାବିଦ୍ୟାଳୟ ପରିସରରେ ଏହି କ୍ୟାମ୍ପ କରାଯିବ। ସେଠାରେ ଲର୍ନିଂ ଲାଇସେନ୍ସ, ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ଓ ଇନସ୍ୟୁରାନ୍ସ ସାର୍ଟିଫିକେଟ ମିଳିବ। କ୍ୟାମ୍ପର ପ୍ରଥମ ଦିନ କେବଳ କଲେଜ ଛାତ୍ରୀଙ୍କ ପାଇଁ ଏହି ସୁବିଧା ପ୍ରଦାନ କରାଯିବ। ଅନ୍ୟ ୨ ଦିନ ସାଧାରଣ ଲୋକଙ୍କ ପାଇଁ ଏହି ସୁବିଧା ଉପଲବ୍ଧ ହେବ ବୋଲି ସୂଚନା ଦିଆଯାଇଛି। ସେହିପରି ଆସନ୍ତା ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ମଧ ଏପରି କ୍ୟାମ୍ପ କରାଯିବ। ଯେଉଁ ମାନଙ୍କ ବୟସ ୧୮ ବର୍ଷରୁ ଉର୍ଦ୍ଧ୍ୱ ସେମାନେ ଡ୍ରାଇଭିଂ ଲାଇସେନ୍ସ ପାଇବାକୁ ଉପଯୁକ୍ତ ବିବେଚିତ ହେବେ। ପ୍ରାର୍ଥୀ ନିଜ ଜନ୍ମ ତାରିଖ ପ୍ରମାଣପତ୍ର, ଆଧାର କାର୍ଡ ଏବଂ ବ୍ଲଡ ଗ୍ରୁପ୍‌ର ପ୍ରମାଣପତ୍ର ଆଣିବେ।

### ନବଜାତ ଶିଶୁକନ୍ୟା ଉଦ୍ଧାର

**ଆସିକା,୧୭।୧୦(ଡି.ଏନ୍.ଏ.):** ଆସିକା ଏନ୍ଏସି ସୁନାମ୍ବସାହିରୁ ଗୁରୁବାର ସନ୍ଧ୍ୟାରେ ଚାଇଲ୍ଡ ଲାଇନ୍ କର୍ତ୍ତୃପକ୍ଷ ଜଣେ ନବଜାତ ଶିଶୁ କନ୍ୟାଙ୍କୁ ଉଦ୍ଧାର କରିଛନ୍ତି। ଶିଶୁକନ୍ୟାଟିକୁ ସୁନାମ୍ବ ସାହି ସଂଲଗ୍ନ ଋଷିକୁଲ୍ୟା ନଦୀ ତଟ ଶ୍ମଶାନ ରାସ୍ତାରୁ ସାହିର ଜଣେ ମହିଳା ଏକ ଅଖାରେ ବନ୍ଧା ହୋଇଥିବା ଅବସ୍ଥାରେ ଉଦ୍ଧାର କରି ଆଣି ନିଜ ଘରେ ରଖିଥିଲେ। ବୁଧବାର ସନ୍ଧ୍ୟାରୁ ମହିଳା ଜଣକ ଶିଶୁଟିକୁ ଆଣି ଆସିକା ସରକାରୀ ଡାକ୍ତରଖାନାରେ ଚିକିତ୍ସା କରିବାପରେ ନିଜ ଦାୟିତ୍ୱରେ ରଖିଥିଲେବୋଲି ଆସିକା ସିଡିପିଓ ଭାରତୀ ମହାପାତ୍ର ସୂଚନା ଦେଇଛନ୍ତି। ତେବେ ଶିଶୁଟି କାହାର ଓ କେଉଁ ପରିସ୍ଥିତିରେ ଏଠାକୁ ଆସିଲା ସ୍ପଷ୍ଟ ହୋଇନାହିଁ।

### ଗୁଟ୍‌ଖା ଗୋଦାମ ଉପରେ ଚଢାଉ

**ଆସିକା,୧୭।୧୦(ଡି.ଏନ୍.ଏ.)-** ଆସିକା ପୋଲିସ ପକ୍ଷରୁ ଗୁରୁବାର ରାତିରେ ଆସିକା ସହରର ଲକ୍ଷ୍ମୀ ବଜାର, କୁମ୍ଭାର ସାହି ଆଦି ସ୍ଥାନରେ ଗୁଟକା ଗୋଦାମ ଉପରେ ଚଢାଉ କରାଯାଇଛି। ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢାଉରେ ବହୁ ପରିମାଣର ଗୁଟଖା ଜବତ କରାଯାଇଥିବାବେଳେ ଜଣକୁ ଅଟକ ରଖାଯାଇଛି। ଖବର ଲେଖା ହେବାବେଳକୁ ଚଢାଉ ଜାରି ରହିଥିଲା।

### କୁକୁଡ଼ା ପାଳନ ତାଲିମ

**ଶେରଗଡ଼,୧୭।୧୦(ଡି.ଏନ.ଏ.):** ଶେରଗଡ ବ୍ଲକ ସଭାଗୃହରେ ଗୁରୁବାର ବନରାଜ କୁକୁଡା ପାଳନ କରୁଥିବା ଚାଷୀଙ୍କୁ ତାଲିମ ଦିଆଯାଇଛି। ଉକ୍ତ ତାଲିମ କାର୍ଯ୍ୟକ୍ରମକୁ ବିଡିଓ ସୁରଞ୍ଜନ କୁମାର ସାହୁ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ବନମାଳୀ ସାହୁ ଶୁଭାରମ୍ଭ କରିଥିଲେ। ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଅରବିନ୍ଦ ବେହେରା ଶିବିର ସଂଯୋଜନା କରିବା ସହ ୨୦ ଚାଷୀଙ୍କୁ ତାଲିମ ପ୍ରଦାନ କରିଥିଲେ।

# ଇଚ୍ଛାପୁର ବଦଳରେ ବ୍ରହ୍ମପୁରରୁ ଚାଲୁ ମେମୁ ଟ୍ରେନ୍

**ବ୍ରହ୍ମପୁର ଅଫିସ,୧୭।୧୦**

ଗଞ୍ଜାମ ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ମାସିକ ବୈଠକ ଉତ୍କଳ ଆଶ୍ରମ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ପ୍ରଫେସର ଡ. ରବି ନାରାୟଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଉପଦେଷ୍ଟା ପ୍ରଫେସର ଡ. ବ୍ରଜମୋହନ ଶାସମଲ, ଆଇନ୍ ପରାମର୍ଶଦାତା ଜିତେନ୍ଦ୍ର କୁମାର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ରାଧାଚରଣ ନାୟକ ଏବଂ ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ସାଧାରଣ ସମ୍ପାଦକ ଶ୍ରୀପଲ୍ଲବ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଚଳିତ ମାସରେ ଜନ୍ମ ଗ୍ରହଣ କରିଥିବା ସଦସ୍ୟା ସଦସ୍ୟଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରାଯାଇଥିଲା। ସଭାପତି ଡ. ମିଶ୍ର ପ୍ରସ୍ତାବ ଆଗତ କରି ମତବ୍ୟକ୍ତ କରିଥିଲେ, ବ୍ରହ୍ମପୁର ଷ୍ଟେଶନ୍‌ରୁ ପୂର୍ବରୁ ଯେମିତି କଟକକୁ ମେମୁ ଟ୍ରେନ୍ ଚଳାଚଳ କରୁଥିଲା, ତାହା କରୁ। ବର୍ତ୍ତମାନ ଇଚ୍ଛାପୁରରୁ ମେମୁ ଟ୍ରେନ୍ ଚଳାଚଳ ଆରମ୍ଭ ହେଉଛି। ବ୍ରହ୍ମପୁର ଷ୍ଟେଶନ୍‌ରେ ହଜାର ହଜାର ସଂଖ୍ୟାରେ ଯାତ୍ରୀ ଅପେକ୍ଷା କରୁଛନ୍ତି। ଏକା ସମୟରେ ଟ୍ରେନ୍‌ରେ ଚଢ଼ିବା କଷ୍ଟ ହେଉଛି। ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ବରିଷ୍ଠ ନାଗରିକ, ମହିଳା ଓ ଶିଶୁମାନଙ୍କୁ ଧରି ଚଢ଼ିଲା ବେଳେ ପ୍ରତିଦିନ ଯାତ୍ରୀମାନେ ଭିଡ଼ରେ ଆଘାତ ପ୍ରାପ୍ତ ହେଉଛନ୍ତି। ଏପରିକି କେହି କେହି ପ୍ଲାଟଫର୍ମରେ ପଡ଼ିଯାଉଛନ୍ତି। ତେଣୁ ଏହି ଟ୍ରେନ ପୂର୍ବବତ ବ୍ରହ୍ମପୁର ଷ୍ଟେଶନ୍‌ରୁ ହିଁ ଚଳାଚଳ କରୁ। ଏଥି ସହିତ ପଲାସା-ଭୁବନେଶ୍ୱର ପାସେଞ୍ଜର ଟ୍ରେନ୍‌କୁ ପୁରୀ ସମ୍ପ୍ରସାରଣ କରାଯାଉ। ବର୍ତ୍ତମାନ ରେଳ କର୍ତ୍ତୃପକ୍ଷ ବିଶାଖାପାଟଣାରୁ ଆଦ୍ରା ଏବଂ ଗୟା ଷ୍ଟେଶନ୍ ଦେଇ ଆଲ୍ଲାହାବାଦ ସାମୟିକ ଟ୍ରେନ୍ ଚଳାଚଳ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଟ୍ରେନ୍‌କୁ ସବୁଦିନିଆ କିମ୍ବା ସପ୍ତାହକୁ ତିନି ଦିନ ଚଳାଚଳ କଲେ ଯାତ୍ରୀମାନେ ଉପକୃତ ହୋଇପାରିବେ। ଉପରୋକ୍ତ ବିଷୟକୁ ନେଇ ରେଳ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି ଏହି ଅବସରରେ ଉପସଭାପତି ଗୋପାଳକୃଷ୍ଣ ପାଢ଼ୀ, ସଂଗଠନ ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡାଙ୍କ ସମେତ ସ୍ୱର୍ଣ୍ଣପ୍ରଭା ମିଶ୍ର, ପ୍ରମୋଦିନି ପଣ୍ଡା, ସରୋଜକାନ୍ତ ରଥ, ହାଡ଼ିବନ୍ଧୁ ମାଳୀ, ଡା. ପ୍ରାଣଚନ୍ଦ୍ର ପଣ୍ଡା, ଲଡ୍ଡୁକେଶ ମିଶ୍ର, ମନୋଜ କୁମାର ପାଢ଼ୀ, ସୁବାସ ଚନ୍ଦ୍ର ସୁବୁଦ୍ଧି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଡ. ବ୍ରଜମୋହନ ଶାସମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଦିବ୍ୟାଙ୍ଗ ଅଭିଭାବକଙ୍କୁ ନେଇ ତାଲିମ ଶିବିର




ଉପସ୍ଥିତ ଅତିଥିବୃନ୍ଦ।

**କନିଷି,୧୭।୧୦(ଡି.ଏନ.ଏ.)**

ସର୍ବଶିକ୍ଷା ଅଭିଯାନ ତରଫରୁ ୫୦ ଦିବ୍ୟାଙ୍ଗ ପିଲାଙ୍କୁ ନେଇ ଏକ ଦିବସୀୟ ତାଲିମ ଶିବିର କନିଷି ହାଟସ୍ଥିତ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ନର୍ମଦା ଦେବୀ ଶୁଭାରମ୍ଭ କରିଥିଲେ। ଶିବିରରେ ଦିବ୍ୟାଙ୍ଗ ପିଲାମାନଙ୍କୁ ତାଲିମ ଦିଆଯାଇଥିଲା। ସରକାରଙ୍କ ତରଫରୁ ଦିବ୍ୟାଙ୍ଗ ପିଲାଙ୍କ ପାଇଁ ରହିଥିବା ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଶିବିରକୁ ରଙ୍ଗେଇଲୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଭାତୀ ମହାପାତ୍ର, ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ବିଦୁଷା ମିଶ୍ର, ସୂର୍ଯ୍ୟ ନାରାୟଣ ମହାନ୍ତି, ଅନ୍ତର୍ନିବେଶି ସ୍ୱେଚ୍ଛାସେବୀ ଲିଟୁ କୁମାର ବିଷୋୟୀ ଓ ବି. କାମରାଜୁ ପ୍ରମୁଖ ଯୋଗ ଦେଇଥିଲେ।

### ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘର ନିଷ୍ପତ୍ତି

# ୨୩ରେ ନବୀନ ନିବାସ ଘେରାଉ



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**ଭଞ୍ଜନଗର,୧୭।୧୦(ଡି.ଏନ.ଏ)**

ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘ ୭ ଦଫା ଦାବିନେଇ ଆସନ୍ତା ୨୩ରେ ନବୀନ ନିବାସ ଘେରାଉ କରିବାକୁ ନିଷ୍ପତି ନେଇଛି। ଏହାକୁ ଭଞ୍ଜନଗର ଶାଖା ସମର୍ଥନ ଜଣାଇଛି। ଏନେଇ ସ୍ଥାନୀୟ ଗ୍ରାମ୍ୟ ପାଇପ ଜଳ ଯୋଗାଣ ନିର୍ବାହୀଯନ୍ତ୍ରୀ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଭା ବୁଧବାର ହୋଇଥିଲା। ରାଜ୍ୟ ସଂଘର ଆହ୍ୱାନକୁ ସମର୍ଥନ ଘୋଷଣା କରାଯାଇଥିଲା। ଏଥିରେ ସୁରେନ୍ଦ୍ର ନାଥ ରାଉତ ଅଧ୍ୟକ୍ଷତା କରିଥିଲେ। ଫୁଲବାଣୀ ଖଣ୍ଡର ନେତା ଅମୂଲ୍ୟ ସାହୁ, ଭଞ୍ଜନଗର ଶାଖା ସମ୍ପାଦକ କାକସ୍ତ ସାହୁ, ପୋଲସରା ଶାଖା ସମ୍ପାଦକ ମନୋରଞ୍ଜନ ଖାଡ଼େଙ୍ଗା, ଆସିକା ଶାଖା ସମ୍ପାଦକ ଜବାହରଲାଲ ମୁନି, ଜଗନ୍ନାଥ ଦାସ, ସୁରେନ୍ଦ୍ର ପାତ୍ର, ହରେକୃଷ୍ଣ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସଂଘର ଦାବିଗୁଡ଼ିକ ହେଲା ୱାର୍କ ଚାର୍ଜ କର୍ମଚାରୀଙ୍କୁ ନିୟମିତ କରିବା, ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ଏସ୍.ଇ.ଏମ୍ କର୍ମଚାରୀଙ୍କୁ ବ୍ଲକ ମାଧ୍ୟମରେ ଦରମା ପ୍ରଦାନ ପ୍ରମୁଖ।

### ଜୋନାଲସ୍ତରୀୟ ଚେସ୍, ଯୋଗାସନ ପ୍ରତିଯୋଗିତା

**ବୁଗୁଡ଼ା,୧୭।୧୦(ଡି.ଏନ.ଏ.)**

ବୁଗୁଡ଼ା ପିପୁଲସ୍ ହାଇସ୍କୁଲରେ ଗୁରୁବାର ୧୭ ବର୍ଷରୁ କମ ଓ ୧୪ ବର୍ଷରୁ କମ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଜୋନାଲସ୍ତରୀୟ ଚେସ୍ ଓ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ଶିକ୍ଷକ ବିଶ୍ୱେଶ୍ୱର ଗିରିଙ୍କ ପରିଚାଳନାରେ ଏହି ପ୍ରତିଯୋଗିତା ହୋଇଥିଲା। ୧୭ ବର୍ଷରୁ କମ ଯୋଗାସନ ପ୍ରତିଯୋଗିତାରେ ବି.କରଡ଼ାବାଡ଼ି ସର୍ଦ୍ଦାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠର କାହ୍ନୁଚରଣ ଗୌଡ଼, ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟର ମୋନାଲିସା ପ୍ରଧାନ ଓ ୧୪ ବର୍ଷରୁ କମ ଯୋଗାସନ ପ୍ରତିଯୋଗିତାରେ ବୁଗୁଡ଼ା ନିୟୁଏରା ପବ୍ଲିକ ସ୍କୁଲର ଗଣେଶ ବେହେରା ଚୟନ ହୋଇଥିବା ବେଳେ ୧୭ ବର୍ଷରୁ କମ ଚେସ୍ ପ୍ରତିଯୋଗିତାରେ ସର୍ଦ୍ଦାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠର ରବୀନ୍ଦ୍ର ଗୌଡ଼, ପିପୁଲସ୍ ହାଇସ୍କୁଲର ସମୀର ନାହାକ, ଖରିଡ଼ା ହାଇସ୍କୁଲର ଅନିଲ କୁମାର ଜେନା ଚୟନ ହୋଇଥିବା ଜଣାପଡ଼ିଛି। ଏହି ୬ ପ୍ରତିଯୋଗୀ ବୁଗୁଡ଼ା ବ୍ଲକରୁ ଚୟନ ହୋଇ ଆସନ୍ତା ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ।

# କାଳୀପୂଜା ପାଇଁ ପ୍ରସ୍ତୁତି ବୈଠକ

**ଭଞ୍ଜନଗର,୧୭।୧୦(ଡି.ଏନ.ଏ)**

ଭଞ୍ଜନଗର ଜଙ୍ଗଲ ବିଭାଗ ପକ୍ଷରୁ ପ୍ରତିବର୍ଷ ହାର୍ଟନଗରସ୍ଥିତ ବିଭାଗୀୟ କଲୋନୀ ପରିସରରେ କାଳୀପୂଜା ପାଳିତ ହେଉଛି। ଚଳିତ ବର୍ଷ ୫୭ତମ ପୂଜା ଅନୁଷ୍ଠିତ ହେବ। ଏନେଇ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଦକ୍ଷିଣ ଘୁମୁସର ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେହୁରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ଅଭୟ କୁମାର ଦଳେଇ, ଏସିଏଫ ସୁଦର୍ଶନ ବାଦୀ, ଅବସରପ୍ରାପ୍ତ ରେଞ୍ଜର ଅନୁପମ ବାନାର୍ଜି, ଶୂଳପାଣି ଶତପଥୀ, ଅଶୋକ ସାହୁ, ପ୍ରଦୀପ ରାଉତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଚଳିତ ବର୍ଷ ସ୍ଥାନୀୟ ଅଞ୍ଚଳର କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ନିଷ୍ପତି ନିଆଯାଇଛି। ଅନୁପମ ବାନାର୍ଜି ଏବଂ ଶୂଳପାଣି ଶତପଥୀଙ୍କୁ ଦାୟିତ୍ୱ ଦିଆଯାଇଛି।



ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

### ■ ଆଇନଜୀବୀ ଆନ୍ଦୋଳନ ପ୍ରସଙ୍ଗ

# ଆଜି ଓକିଲ ସଂଘର କାର୍ଯ୍ୟ ବନ୍ଦ

**ବ୍ରହ୍ମପୁର ଅଫିସ,୧୭।୧୦**

ବିଚାରପତି ନିଯୁକ୍ତି ପ୍ରକ୍ରିୟାରେ ହାଇକୋର୍ଟ ଓ ସୁପ୍ରିମକୋର୍ଟ କଲେଜିୟମ ନିଷ୍ପତ୍ତିକୁ ଓଡିଶା ହାଇକୋର୍ଟ ବାର ଆସୋସିଏଶନ ବିରୋଧ କରୁଛି। ଅନ୍ୟପଟେ ଏଣିକି ଆଇନଜୀବୀମାନେ ଆଉ ଆନ୍ଦୋଳନ କରିପାରିବେ ନାହିଁ ବୋଲି ହାଇକୋର୍ଟ କହିଛି। ଗୁରୁବାର ଗଞ୍ଜାମ ଓକିଲ ସଂଘର ଏକ କାର୍ଯ୍ୟକାରିଣୀ କମିଟି ବୈଠକ ସଂଘ ସଭାପତି ରବୀନ୍ଦ୍ର କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ହାଇକୋର୍ଟ ବାର ଆସୋସିଏଶନ ବନ୍ଦ ଡାକରାକୁ ସଂଘ ସମର୍ଥନ ଜଣାଇ ଶୁକ୍ରବାର କୋର୍ଟ କାର୍ଯ୍ୟ ବନ୍ଦ ପାଇଁ ନିଷ୍ପତ୍ତି ନେଇଛି। ଶୁକ୍ରବାର ହାଇକୋର୍ଟ ବାର ବୈଠକରେ ଗଞ୍ଜାମ ଓକିଲ ସଂଘ କର୍ମକର୍ତ୍ତାଙ୍କ ସମେତ ରାଜ୍ୟର ୧୩୬ ଓକିଲ ସଂଘ କର୍ମକର୍ତ୍ତା ଯୋଗଦେବେ। ବୈଠକ ପରେ ହାଇକୋର୍ଟ ବାର ନିଷ୍ପତ୍ତି କ୍ରମେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର ହେବ ବୋଲି ସେ କହିଛନ୍ତି। ଗୁରୁବାର ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ କୈଳାସ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ କିରଣ କୁମାର ମଣ୍ଡଳ, ଉପସଭାପତି ଚିତ୍ତ ରଞ୍ଜନ ଶତପଥୀ, ପୀତବାସ ପଣ୍ଡା, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ବୀରେନ୍ଦ୍ର ପାଢ଼ୀ, କିଶୋର ବିଷୋୟୀ, ଶିଶିର ପାଢ଼ୀ, ନିର୍ମଳ ସାହୁ, ପ୍ରଦୀପ ପଟ୍ଟନାୟକ, ପ୍ରଦୀପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ସୋମବାର ଉଚ୍ଚ ନ୍ୟାୟାଳୟର ଏକ ପୂର୍ଣ୍ଣାଙ୍ଗ ଖଣ୍ଡପୀଠ ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲଙ୍କ ପକ୍ଷରୁ ଦାଏର ହୋଇଥିବା ଅଦାଲତ ଅବମାନନା ମାମଲାର ଶୁଣାଣି କରି ରାଜ୍ୟ ମୁଖ୍ୟ ଶାସନ ସଚିବ, ଆଇନ ବିଭାଗ ପ୍ରମୁଖ ସଚିବ, ଗୃହ ସଚିବ, ଭାରତୀୟ ଆଇନଜୀବୀ ପରିଷଦ ଅଧ୍ୟକ୍ଷ, ରାଜ୍ୟ ଆଇନଜୀବୀ ପରିଷଦ ଓ ହାଇକୋର୍ଟ ବାର ଆସୋସିଏଶନ ସମେତ ୬୮ ବାର ଆସୋସିଏଶନ ସଭାପତି ଓ ସମ୍ପାଦକଙ୍କୁ ନୋଟିସ ଜାରି କରିଛି। ଆସନ୍ତା ୨୧ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ହାଇକୋର୍ଟ ତାରିଖ ଧାର୍ଯ୍ୟ କରିଛି।

# ୬ରେ ଆପୋସ ବୁଝାମଣା ଉପରେ ଶୁଣାଣି

**ଛତ୍ରପୁର,୧୭।୧୦(ଡି.ଏନ.ଏ)**

**ତ୍ରାହି ଅଚ୍ୟୁତ ଆଶ୍ରମ ଜମି ବିବାଦ ମାମଲା**

ଛତ୍ରପୁର ତ୍ରାହି ଅଚ୍ୟୁତ ଆଶ୍ରମ ଜମି ବିବାଦ ମାମଲାରେ ଆପୋଷ ବୁଝାମଣା ପିଟିଶନ ଉପରେ ବୁଧବାର ଶୁଣାଣି ହେବାର ଥିଲା। କ୍ରାଇମବ୍ରାଞ୍ଚ ପକ୍ଷରୁ କ୍ୟାଡର ଏପିପି ରାଜେଶ କୁମାର ମିଶ୍ର ସମୟ ମାଗିଥିବାରୁ ଏସଡିଜେଏମ୍ ପରବର୍ତ୍ତୀ ଶୁଣାଣି ଆସନ୍ତା ୬ ତାରିଖକୁ ଧାର୍ଯ୍ୟ କରିଛନ୍ତି। ମାମଲାର ଆପୋସ ବୁଝାମଣା ପିଟିଶନ ଏସ୍‌ଡିଜେଏମ୍ କୋର୍ଟରେ ପୂର୍ବରୁ ଦାଖଲ ହୋଇଥିଲା। ଏହି ପିଟିଶନ ଉପରେ ଉକ୍ତ ଦିନ ଶୁଣାଣି ହେବ। ଏଥିସହ ଉକ୍ତ ଦିନ କ୍ରାଇମବ୍ରାଞ୍ଚଙ୍କ ଦ୍ୱାରା ନିଯୁକ୍ତ ଓକିଲ ତଥା ଏପିପିଙ୍କ ପକ୍ଷରୁ ଉକ୍ତ ପିଟିଶନ ଉପରେ ପକ୍ଷ ଦାଖଲ ହେବ। ପରେ ଅଭିଯୁକ୍ତଙ୍କ ଉପରେ ଚାର୍ଜଫ୍ରେମ ହେବା ସମ୍ଭାବନା ରହିଛି। ସୂଚନାଯୋଗ୍ୟ, ଛତ୍ରପୁର ତହସିଲ ଅନ୍ତର୍ଗତ କଣମଣା ପଞ୍ଚାୟତ ଜୟଦୁର୍ଗା ନଗରରେ ଥିବା ଜମିକୁ ହଡ଼ପ କରି ତ୍ରାହି ଅଚ୍ୟୁତ ଆଶ୍ରମର ମୁଖ୍ୟ ସୁରେନ୍ଦ୍ରନାଥ ମିଶ୍ର ଓରଫ ସୁରବାବା ଓ ଅନ୍ୟମାନେ ଏକ ଶାଖା ଆଶ୍ରମ ଖୋଲିଥିବା ଜମିର ପୂର୍ବ ମାଲିକ ତଥା ବ୍ରହ୍ମପୁରର ମୋଚିରାମ ସାହୁ ଅଭିଯୋଗ କରିଥିଲେ। ଏ ନେଇ ସେ ୨୦୧୫ ଅଗଷ୍ଟ ୩ ତାରିଖରେ ଛତ୍ରପୁର ଥାନାରେ ସୁରବାବା, ତାଙ୍କ ପୁଅ ତ୍ରିଲୋଚନଙ୍କ ସମେତ ୩ ଜଣଙ୍କ ନାଁରେ ଏତଲା ଦେଇଥିଲେ। ପରେ ଏହି ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର ହୋଇଥିଲା। ପରେ ଦୁଇପକ୍ଷ ମଧ୍ୟରେ ଏକ ଆପୋସ ବୁଝାମଣା ପିଟିଶନ ଏସଡିଜେଏମ୍ କୋର୍ଟରେ ଦାଖଲ ହୋଇଥିଲା।

### ଛତ୍ରପୁର ଏନ୍ଏସିକୁ ମ୍ୟୁନିସିପାଲଟି ମାନ୍ୟତା ପ୍ରସଙ୍ଗ

# ପ୍ରକ୍ରିୟା ଆରମ୍ଭ, ନିକଟବର୍ତ୍ତୀ ଗାଁ ମିଶ୍ରଣ ପ୍ରସ୍ତାବ

**ଛତ୍ରପୁର,୧୭।୧୦(ଡି.ଏନ.ଏ.)**

ଛତ୍ରପୁର ଏନ୍ଏସିକୁ ମ୍ୟୁନିସିପାଲଟିର ମାନ୍ୟତା ଦେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ କେତେକ ତଥ୍ୟ ଗଞ୍ଜାମ ଜିଲାପାଳଙ୍କୁ ମଗାଯାଇଥିଲା। ତେଣୁ ଜିଲାପାଳଙ୍କ ପକ୍ଷରୁ ଛତ୍ରପୁର ଏନ୍ଏସି ନିର୍ବାହୀ ଅଧିକାରୀଙ୍କୁ ଉକ୍ତ ତଥ୍ୟ ମଗାଯାଇଛି। ମିଳିଥିବା ସୂଚନା ଅନୁସାରେ ଛତ୍ରପୁର ଏନଏସିରେ ନିକଟବର୍ତ୍ତୀ ୩ ପଞ୍ଚାୟତର କେତୋଟି ଗାଁକୁ ମିଶ୍ରଣ କରି ମ୍ୟୁନିସିପାଲଟି କରିବାକୁ ଯୋଜନା ହୋଇଛି। ସେଥିମଧ୍ୟରେ ଛତ୍ରପୁର ବ୍ଲକ ଅଗସ୍ତିନୂଆଗାଁ ପଞ୍ଚାୟତ ଅଧୀନ ପାଲିଆ ଛତ୍ରପୁର, ଭାଗ୍ୟଲକ୍ଷ୍ମୀ ନଗର ଓ ବ୍ୟାଙ୍କ କଲୋନୀ, ଚିକଲଖଣ୍ଡି ପଞ୍ଚାୟତ ଅଧିନ ଶାନ୍ତିନଗର ଓ ଦାମିଏନ ନଗର ଏବଂ କଣମଣା ପଞ୍ଚାୟତ ଅଧୀନ ବଜରଙ୍ଗ ନଗର, ତୁଳସୀ ନଗର, ନୂଆ ସାହି, କାରମେଲ ନଗର, ବିଦ୍ୟା ବିହାର ଓ ପୁରୁଣା ଛତ୍ରପୁର ରହିଛି। ଛତ୍ରପୁର ଏନ୍ଏସି ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ପ୍ରାଥମିକ ପର୍ଯ୍ୟାୟରେ ତହସିଲଦାର ଓ ସ୍ଥାନୀୟ ନିର୍ବାଚିତ ପ୍ରତିନିଧିଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଉପରୋକ୍ତ ଅଞ୍ଚଳଗୁଡିକ ଛତ୍ରପୁର ଏନଏସିରେ ମିଶ୍ରଣ ପ୍ରସ୍ତାବ ଓ ଏହାର ଜନସଂଖ୍ୟା ସମ୍ବନ୍ଧରେ ଜିଲାପାଳଙ୍କୁ ଅବଗତ କରାଯିବ। ପରେ ଜିଲାପାଳ ଉକ୍ତ ରିପୋର୍ଟକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଇବେ। ଏହାକୁ ଆଧାର କରି ରାଜ୍ୟ ସରକାର ଛତ୍ରପୁରକୁ ମ୍ୟୁନିସିପାଲଟି ମାନ୍ୟତା ପ୍ରସଙ୍ଗ ଉପରେ ହାଇକୋର୍ଟରେ ନିଜର ପକ୍ଷ ସତ୍ୟପାଠ ଜରିଆରେ ଦାଖଲ କରିବେ ବୋଲି ଜଣାପଡିଛି। ଦୀର୍ଘଦିନ ଧରି ଛତ୍ରପୁର ଏନଏସିକୁ ମ୍ୟୁନିସିପାଲଟିର ମାନ୍ୟତା ଦେବାକୁ ଦାବି ହୋଇଆସୁଛି। ଜିଲାର ଆସିକା, ଛତ୍ରପୁର ଓ ଭଞ୍ଜନଗର ଏନଏସିକୁ ମ୍ୟୁନିସିପାଲଟି ଭାବେ ଘୋଷଣା ପାଇଁ ହାଇକୋର୍ଟରେ ଏକ ପିଟିଶନ ଦାଖଲ ହୋଇଥିଲା। ଉକ୍ତ ୩ ଏନଏସିକୁ ମ୍ୟୁନିସିପାଲଟି ଘୋଷଣା ପ୍ରସଙ୍ଗରେ ୩ ମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ହାଇକୋର୍ଟ ଅଗଷ୍ଟ ୫ ତାରିଖରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ବୋମକେଇରେ ମୋ ତହସିଲ କାର୍ଯ୍ୟକ୍ରମ

**ଦିଗପହଣ୍ଡି,୧୭।୧୦(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ମୋ ସରକାର ୫-ଟି କାର୍ଯ୍ୟକ୍ରମ ଫଳପ୍ରଦ ହୋଇଛି। ଆଗାମୀ ଡ଼ିସେମ୍ବରରୁ ଅଧିକ ୫ ବିଭାଗ ଏଥିରେ ଅନ୍ତର୍ଭୁକ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଘୋଷଣା ସ୍ୱାଗତଯୋଗ୍ୟ ବୋଲି ଦିଗପହଣ୍ଡି ବିଧାୟକ ତଥା ବାଚସ୍ପତି ଡ.ସୂର୍ଯ୍ୟନାରାୟଣ ପାତ୍ର ଏଠାରେ କହିଛନ୍ତି। ଗୁରୁବାର ଦିଗପହଣ୍ଡି ବ୍ଲକ ବୋମକେଇ ଗ୍ରାମରେ ସ୍ଥାନୀୟ ତହସିଲ ପକ୍ଷରୁ ଆୟୋଜିତ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମରେ ବାଚସ୍ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହା ଦ୍ୱାରା ରାଜସ୍ୱ ସମ୍ପର୍କିତ ବିଭିନ୍ନ କାମରେ ଲୋକେ ଆଉ ତହସିଲକୁ ବାରମ୍ବାର ଦୌଡ଼ିବା ଦରକାର ପଡିବ ନାହିଁ ବୋଲି କହିଥିଲେ। ପ୍ରତି ମାସରେ ବିଭିନ୍ନ ଗାଁରେ ଏହି କାର୍ଯ୍ୟକ୍ରମ କରାଯାଇ ରାଜସ୍ୱ ସମ୍ପର୍କିତ ମାମଲାଗୁଡ଼ିକର ସ୍ଥାୟୀ ସମାଧାନ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ବୋମକୋଇ ଶିବାନନ୍ଦ ଡିଗ୍ରୀ କଲେଜ ପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଚସ୍ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ, ଅତିରିକ୍ତ ତହସିଲଦାର ମନୋଜ ପ୍ରଭାକର କୁଜୁର, ବିଡିଓ ହଳଧର ଶବର, ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ଗଙ୍ଗାଧର ଲେଙ୍କା, ବ୍ଲକ ଉପାଧ୍ୟକ୍ଷା ପ୍ରତିନିଧି ଏମ୍.ନିରଞ୍ଜନ ରେଡ୍ଡୀ, ସିଡିପିଓ ଯଶୋବନ୍ତୀ ସାହୁ, ସରପଞ୍ଚ ସଂଘ ସଭାପତି ହରିବନ୍ଧୁ ରେଡ୍ଡୀ, ସମବାୟ ସମିତି ସଭାପତି ଅସିତ ସାହୁ, ଯୁବ ବିଜେଡ଼ି ନେତା ରାମକୃଷ୍ଣ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ରାଜସ୍ୱ ନିରୀକ୍ଷକ ରତ୍ନାକର ସ୍ୱାଇଁ ଓ ବନଜା ନାୟକ ଏହି କାର୍ଯ୍ୟକ୍ରମକୁ ମିଳିତ ସଂଯୋଜନା କରିଥିଲେ।

ସଭାରେ ଦିଗପହଣ୍ଡି ତହସିଲ ଅଧୀନ ଆୟ ପ୍ରମାଣପତ୍ର, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର, ପଛୁଆ ବର୍ଗ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ନିମନ୍ତେ ଆବଶ୍ୟକ ଜାତି ସମ୍ବନ୍ଧୀୟ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଏଥିସହ ଦିଗପହଣ୍ଡି ତହସିଲ ଅଧୀନରେ ଥିବା ଦେଖାଳି, ବଡଡୁମୁଳା ଓ ଜକର ରାଜସ୍ୱ ସର୍କଲରେ ଥିବା ୬ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ହିତାଧିକାରୀଙ୍କ ଠାରୁ ଖଜଣା ଆଦାୟ କରାଯାଇଥିଲା। ଜଣେ ହିତାଧିକାରୀଙ୍କୁ ଗ୍ରାମକଣ୍ଠ ସ୍ୱତ୍ୱ ଘରବାରି ପଟ୍ଟା, ୭ଟି ମ୍ୟୁଟେଶନ (ଦାଖଲ ଖାରଜ) ମାମଲା ସମାଧନ କରାଯାଇଥିଲା, ବସୁନ୍ଧରା ପଟ୍ଟା ୨୯, ବିଭିନ୍ନ ପ୍ରମାଣପତ୍ର ୧୫, ମିସକେସ ୨ଟି ଓ ଅନ୍ୟାନ୍ୟ ୧୧୫ଟି ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଶେଷରେ ମହାବିଦ୍ୟାଳୟରେ ଅତିଥିମାନଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା।



ସଭାରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଉଦ୍‌ବୋଧନ ଦେଉଛନ୍ତି।

# ପାନନୂଆଗାଁରେ ଗୋଷ୍ଠୀ ସଂଘର୍ଷ

## ୨ ଗୁରୁତର, ଗାଡ଼ି ଭଙ୍ଗାରୁଜା

**ଖଲ୍ଲିକୋଟ,୧୭।୧୦(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ ଡ଼ିମିରିଆ ପଞ୍ଚାୟତ ପାନନୂଆଗାଁରେ ବୁଧବାର ରାତିରେ କୋଠିଶାଳ ଯାତ୍ରା କୁମ୍ଭବୁଡ଼ା ସମୟରେ ପୂର୍ବ ଶତ୍ରୁତାକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ଦୁଇ ଜଣ ଗୁରୁତର ଆହତ ହୋଇ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି।

ସୂଚନା ଅନୁଯାୟୀ, ପାନନୂଆଗାଁରେ କୋଠିଶାଳ ଠାକୁରାଣୀ ଯାତ୍ରା ବୁଧବାର ଉଦ୍‌ଯାପିତ ହୋଇଥିଲା। ରାତ୍ରରେ କୁମ୍ଭ ବିସର୍ଜନ କରି ପୋଖରୀରୁ ଫେରିବା ସମୟରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଏଥିରେ ଗ୍ରାମର ଏସ. ଦୀନବନ୍ଧୁ ପାତ୍ର ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ଖଲ୍ଲିକୋଟ ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଅପରପକ୍ଷରେ ଚନ୍ଦ୍ରୁ ପାତ୍ରଙ୍କ ଭାଇବୋହୂ ଏମ୍. ରାମାଲୁ ପାତ୍ରଙ୍କ ହାତ ଭାଙ୍ଗିବା ସହ ଆହତ ହୋଇ ବ୍ରହ୍ମପୁରରେ ଚିକିତ୍ସିତ ହେଉଛନ୍ତି। ଅନ୍ୟ କେତେଜଣ ସାମାନ୍ୟ ଆହତ ହୋଇଛନ୍ତି। ଖଲ୍ଲିକୋଟ ଆଇଆଇସି ସତ୍ୟରଞ୍ଜନ ପ୍ରଧାନ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ୫ ଜଣଙ୍କୁ ଆଣି ଥାନାରେ ଅଟକ ରଖିଛନ୍ତି। ଉଭୟ ପକ୍ଷରୁ ଥାନାରେ ଏତଲା ହୋଇଛି। ନଂ.୨୮୮/୧୯ରେ ମକଦ୍ଦମା ରୁଜୁ ହୋଇଛି। ଏହି ସଂଘର୍ଷରେ ୪ଟି ବାଇକ, ଟ୍ରାକ୍ଟର ମଧ୍ୟ ଭଙ୍ଗାରୁଜା ହୋଇଛି। ପୂର୍ବରୁ ଏପରି ସଂଘର୍ଷରେ ୮ ଜଣ ଆହତ ହୋଇ ଉଭୟ ପକ୍ଷରୁ କୋର୍ଟଚାଲାଣ ହୋଇଥିଲେ। ଗୋଟିଏ ପକ୍ଷରୁ ଏମ୍. ଚନ୍ଦ୍ରୁ ପାତ୍ର ଏତଲା ଦେଇଥିବା ବେଳେ ଅପରପକ୍ଷରୁ ଏସ୍. କାମେଶ୍ୱର ପାତ୍ର ଏତଲା ଦେଇଛନ୍ତି।

## ସାପ କାମୁଡ଼ାରେ ନାବାଳକ ମୃତ

**ଖଲ୍ଲିକୋଟ,୧୭।୧୦(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ ଚିକିଲି ପଞ୍ଚାୟତ କାଳିଞ୍ଜିପଲ୍ଲୀ ଗ୍ରାମରେ ଚିତି ସାପ କାମୁଡ଼ାରେ ଜଣେ ୭ବର୍ଷର ନାବାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ଦୁଃଶାସନ ପ୍ରଧାନଙ୍କ ପୁଅ ବାବୁଲା। ବୁଧବାର ରାତିରେ ବାବୁଲା ଘରେ ଶୋଇଥିବା ବେଳେ ସାପ କାମୁଡ଼ି ଦେଇଥିଲା। ମା, ବାପା ଜାଣିବା ପରେ ତୁରନ୍ତ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖଲ୍ଲିକୋଟ ପୋଲିସ ମେଡିକାଲରେ ପହଞ୍ଚି ନଂ.୧୦/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଗୁରୁବାର ବ୍ରହ୍ମପୁର ପଠାଇଛି।

# ମ୍ୟାଲେରିଆରେ ଶିକ୍ଷୟିତ୍ରୀ ମୃତ

**ପାତ୍ରପୁର,୧୭।୧୦(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ଆମ୍ବପୁର ବିଦ୍ୟାଳୟ ଶିକ୍ଷୟିତ୍ରୀ ବେସି ସନ୍ତୋଷିନୀଙ୍କର ଗୁରୁବାର ମ୍ୟାଲେରିଆରେ ମୃତ୍ୟୁ ଘଟିଛି। ୩ଦିନ ହେଲା ସେ ବ୍ରହ୍ମପୁରଠାରେ ଚିକିତ୍ସିତ ହେଉଥିଲେ। ସନ୍ତୋଷିନୀ ୨୦୧୧ରେ ଶିକ୍ଷା ସହାୟକ ଭାବେ ଆମ୍ବପୁର ବିଦ୍ୟାଳୟରେ ନିଯୁକ୍ତି ପାଇ ଏପର୍ଯ୍ୟନ୍ତ ସେହିଠାରେ ହିଁ ଶିକ୍ଷାଦାନ କରୁଥିଲେ। ସେ ସାମନ୍ତରାପୁର ଗ୍ରାମର ମୁରଲୀ ପ୍ରଧାନଙ୍କୁ ବିବାହ କରିଥିବାବେଳେ ତାଙ୍କର ୫ ବର୍ଷର ପୁଅ ଓ ଜଣେ ୩ ବର୍ଷର ଝିଅ ଅଛନ୍ତି। ଶିକ୍ଷୟିତ୍ରୀଙ୍କ ବିୟୋଗରେ ଆମ୍ବପୁର୍ ବିଦ୍ୟାଳୟରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ଲୋକଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ମାନଙ୍କ ଗହଣରେ ଏକ ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କ ସଂସ୍କାର କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାମୋଦର ଦଳେଇ, ସଭାପତି ବୃନ୍ଦାବନ ପ୍ରଧାନ, ପ୍ରଧାନ ସମାଜ ସଭାପତି ନୀଳମଣି ପ୍ରଧାନ, ରାଜ୍ୟ ଶିକ୍ଷକ ସଂଘ ସଭାପତି ରାଜେଶ ମହାନ୍ତି, ଗଞ୍ଜାମ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଶଶାଙ୍କ କୁମାର ପ୍ରଧାନ, ଜିଲା ସିଆର୍‌ସିସି ସଂଘ ସଭାପତି ଟୁଟୁ ପ୍ରଧାନ, ଏକ୍ସ କ୍ୟାଡ଼ର୍ ଜିଲା ଶିକ୍ଷକ ସଂଘ କୋଷାଧ୍ୟକ୍ଷ ନିଶାମଣି ପ୍ରଧାନ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଅଟୋ-ବସ୍ ମୁହାଁମୁହିଁ ଧକ୍କା: ମହିଳା ମୃତ, ୬ ଆହତ

**କୁକୁଡାଖଣ୍ଡି,୧୭।୧୦(ଡି.ଏନ.ଏ.)**- ସଦର ଥାନା ଅନ୍ତର୍ଗତ ଆମ୍ବଗଡ଼ଠାରେ ଗୁରୁବାର ବସ୍ ଓ ଅଟୋ ମୁହାଁମୁହିଁ ଧକ୍କା ହେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଶିଶୁ ସମେତ ୬ଜଣ ଆହତ ହୋଇଛନ୍ତି। ମୃତା ମହିଳା ହେଲେ ସାନଖେମୁଣ୍ଡି ବ୍ଲକ ଖଲିଙ୍ଗି ପଞ୍ଚାୟତ ଗୁଣସାଗରର ରଞ୍ଜିତା ଦଳାଇ। ଆହତଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ବସ୍‌କୁ ପୋଲିସ ଜବତ କରିଛି। ଗୁଣସାଗର ଗ୍ରାମର ଗୋଟିଏ ପରିବାରର ୮ଜଣ ଅଟୋ ଯୋଗେ ବ୍ରହ୍ମପୁର ଯାଉଥିବା ବେଳେ ବ୍ରହ୍ମପୁରରୁ ଦିଗପହଣ୍ଡି ଆସୁଥିବା ସ୍ୱପ୍ନ ସାଗର ନାମକ ଘରୋଇ ବସ ସହ ମୁହାଁମୁହିଁ ଧକ୍କା ହୋଇଥିଲା।

### ଛତ୍ରପୁର ଏନ୍‌ଏସି ହେବ କ୍ୟାବିନ୍‌ମୁକ୍ତ

# ଖୁବ୍‌ଶୀଘ୍ର ଭେଣ୍ଡିଂ ଜୋନ୍, କଲ୍ୟାଣ ମଣ୍ଡପ କାର୍ଯ୍ୟକ୍ଷମ

**ଛତ୍ରପୁର,୧୭।୧୦(ଡି.ଏନ.ଏ)**

ଛତ୍ରପୁର ସହରର ବିକାଶ ପାଇଁ ଏନ୍‌ଏସି କର୍ତ୍ତୃପକ୍ଷ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ପୂର୍ବରୁ ଛତ୍ରପୁରରେ ଏକ ଅତ୍ୟାଧୁନିକ କଲ୍ୟାଣ ମଣ୍ଡପ ନିର୍ମାଣ ସରିଥିବା ବେଳେ ସେଠାରେ କିଛି ଇଲେକ୍ଟ୍ରିକାଲ କାମ ବାକି ଅଛି । ଏଥିପାଇଁ ଟେଣ୍ଡର ହୋଇସାରିଛି। ମାସକ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ କଲ୍ୟାଣମଣ୍ଡପ କାର୍ଯକ୍ଷମ ହେବ ବୋଲି ଗୁରୁବାର ଏନଏସି ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ସୂଚନା ଦେଇଛନ୍ତି। ସେହିପରି ଛତ୍ରପୁର ଏନଏସିକୁ କ୍ୟାବିନ୍‌ମୁକ୍ତ କରାଯିବା ପାଇଁ ଯୋଜନା ହୋଇଛି । କ୍ୟାବିନ ସବୁ ହଟାଯିବ। ଭେଣ୍ଡିଂ ଜୋନ୍ ସ୍ଥାପନ କରି କ୍ୟାବିନ କରିଥିବା ବ୍ୟବସାୟୀଙ୍କୁ ଥଇଥାନ କରାଯିବ। ସବରେଜିଷ୍ଟ୍ରାର ଅଫିସରୁ ପୋଷ୍ଟ ଅଫିସ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱ, ଛତ୍ରପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ହସ୍ପିଟାଲ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱ, ଏସବିଆଇ ଛକରୁ ହସ୍ପିଟାଲ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱ ଏବଂ ରାଜସ୍ୱ କଲୋନୀ ନିକଟରେ ଭେଣ୍ଡିଂ ଜୋନ୍ ପ୍ରତିଷ୍ଠା ହେବ । ଉଚ୍ଛେଦ ହେବାକୁ ଥିବା ବ୍ୟବସାୟୀମାନଙ୍କ ତାଲିକା ପ୍ରସ୍ତୁତ କରାଯାଇଛି, ସେମାନଙ୍କୁ ଭେଣ୍ଡିଂ ଜୋନ୍‌ରେ ଥଇଥାନ କରାଯିବ ବୋଲି ଏନଏସି ନିର୍ବାହୀ ଅଧିକାରୀ ସ୍ପଷ୍ଟ କରିଛନ୍ତି। ଛତ୍ରପୁର ଲୋୟର ବସଷ୍ଟାଣ୍ଡ ମଧ୍ୟସ୍ଥଳରେ ଥିବା ତାରିଣୀ ମନ୍ଦିରକୁ ଭଙ୍ଗା ଯାଇଛି । ଏଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ସହ ଆଲୋକୀକରଣ, ବସିବା ପାଇଁ ଚେୟାର ବ୍ୟବସ୍ଥା ଓ ଅନ୍ୟ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରିବାକୁ ଏନଏସି କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଅପରବସଷ୍ଟାଣ୍ଡ ଠାରେ ଥିବା ରାଜୀବ ଗାନ୍ଧୀ ଓ ବିଜୁ ପଟ୍ଟନାୟକ ଛକରୁ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଅନ୍ୟତ୍ର ସ୍ଥାନାନ୍ତର ହେବ। ପିଲିବନ୍ଧ ଓ ପାର୍କର ସୌନ୍ଦର୍ଯ୍ୟକରଣ କାମ ଚାଲିଛି । ପିଲି ବନ୍ଧ ମଧ୍ୟରେ ଫାଉଣ୍ଟେନ୍ ସ୍ଥାପନ, ଟୟ ଟ୍ରେନ୍‌ର ବ୍ୟବସ୍ଥା ହେବ । ଛତ୍ରପୁରସ୍ଥିତ ଜିଲାପାଳଙ୍କ ବାସଭବନ ସମ୍ମୁଖରେ ଏକ ଓପନ୍ ଜିମ୍ ପ୍ରତିଷ୍ଠା ହୋଇଛି । ଆଉ ଏକ ଓପନ୍ ଜିମ୍ ପ୍ରତିଷ୍ଠା ହେବ ବୋଲି ନିର୍ବାହୀ ଅଧିକାରୀ ମଲ୍ଲିକ କହିଛନ୍ତି।

# ଅବ୍ୟବସ୍ଥାରେ ସରିଲା ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ



କ୍ରୀଡ଼ା ଉତ୍ସବ ଶୁଭାରମ୍ଭ କରୁଛନ୍ତି ବିଡିଓ।

**ଗଞ୍ଜାମ,୧୭।୧୦(ଡି.ଏନ.ଏ.)**

ଗଞ୍ଜାମ ସହରସ୍ଥିତ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମରେ ଚାଲିଥିବା ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଅବ୍ୟବସ୍ଥା ମଧ୍ୟରେ ଗୁରୁବାର ଉଦ୍‌ଯାପିତ ହୋଇଛି। ପୂର୍ବାହ୍ନରେ ଉଦ୍‌ଘାଟକ ଭାବେ ବିଡିଓ ଜ୍ୟୋତି ଶଙ୍କର ରାଏ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ) ସୁବାସ ଚନ୍ଦ୍ର ଘଡ଼େଇ, ଏବିଇଓ ବିଜୟ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ନିର୍ଦ୍ଧାରିତ ସମୟ ଠାରୁ ବହୁ ବିଳମ୍ବରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ପଡ଼ିଆସାରା ଆବର୍ଜନା ପଡିଥିବାବେଳେ ଲଟାବୁଦା ସଫା କରାଯାଇନଥିବା ଦେଖିବାକୁ ମିଳିଥିଲା। ଏନେଇ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ପୂର୍ବ ବର୍ଷ ତୁଳନାରେ କମ୍ ସଂଖ୍ୟକ ଛାତ୍ରୀଛାତ୍ର ମଧ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ। ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ୧୪ ଏବଂ ୧୭ ବର୍ଷରୁ କମ୍ ଜୁନିୟର ଓ ସିନିୟର ଦୁଇ ଭାଗରେ ବିଭକ୍ତ କରାଯାଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ ପିଇଟି ଶିକ୍ଷକ ଏବଂ ପ୍ରକାଶ ଚନ୍ଦ୍ର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ବିଡିଓ ରାଏଙ୍କୁ ଅବ୍ୟବସ୍ଥା ନେଇ ପଚାରିବାରୁ ସେ ଏହାକୁ ସ୍ୱୀକାର କରିବା ସହ ଏନେଇ କାରଣ ଦର୍ଶାଅ ନୋଟିସ ଜାରି କରିବେ ବୋଲି କହିଛନ୍ତି। ପଡ଼ିଆରେ ବ୍ଲିଚିଙ୍ଗ୍ ପଡ଼ି ନ ଥିବା ବେଳେ ଅଳିଆ ପଡିଥିବା ଦେଖି ବିଡିଓ ମଧ୍ୟ କ୍ଷୋଭ ପ୍ରକାଶ କରିଥିଲେ।




# ଆତ୍ମନିଯୁକ୍ତି ପରାମର୍ଶ ଶିବିର

**ଶେରଗଡ଼,୧୭।୧୦(ଡି.ଏନ.ଏ.):**

ଶେରଗଡ ବ୍ଲକ ପରିସରରେ ଗୁରୁବାର ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଆନୁକୂଲ୍ୟରେ ଯୁବତୀଯୁବକଙ୍କ ନିମନ୍ତେ ନିଯୁକ୍ତ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଡିଓ ସୁରଞ୍ଜନ କୁମାର ସାହୁ, ଏବିଡିଓ ଅରୁଣ କୁମାର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ଶିବିରକୁ ବ୍ଲକ ଅଧ୍ୟକ୍ଷା ସାରସ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ଗୋବିନ୍ଦପୁର ସରପଞ୍ଚ ସୀମାଞ୍ଚଳ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଶତାଧିକ ଯୁବତୀ, ଯୁବକ ତାଲିମ ଓ ପରେ ନିଯୁକ୍ତି ପାଇଁ ନାମ ପଞ୍ଜୀକରଣ କରିଥିଲେ । ୯ରୁ ଅଧିକ ସଂସ୍ଥା ଶିବିରକୁ ଆସିଥିଲେ ।

# ଅଖିଳ ଉତ୍କଳ ଅଗ୍ନିକୁଳ କ୍ଷତ୍ରିୟ ସମାଜ ବୈଠକ

**କନିଷି,୧୭।୧୦(ଡି.ଏନ.ଏ.)**

କନିଷି ହାଟସ୍ଥିତ ଶ୍ରୀଅଖିଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବୁଧବାର ଅପରାହ୍ନରେ ଅଖିଳ ଉତ୍କଳ ଅଗ୍ନିକୁଳ କ୍ଷତ୍ରିୟ ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଗ୍ନିକୁଳ କ୍ଷତ୍ରିୟ ସମାଜର ଉପସଭାପତି ଡ଼ି. ଫକୀରଙ୍କ ସଭାପତିତ୍ୱରେ ସମାଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏଥିରେ କୁଳର ସାଧାରଣ ସମ୍ପାଦକ ଟି. ମୋହନ ରାଓ, ଟି. ପୁରୁଷୋତ୍ତମ, ଟି. ଆପେୟା, ଏମ. ବାସୁଦେବ, ଏସ. କୃପାକର, ଟି. ଲୋକନାଥ ପ୍ରମୁଖ ଯୋଗ ଦେଇଥିଲେ। ବକ୍ସିପଲ୍ଲୀ, କମଳାପୁର, ଗୋଳାବନ୍ଧ, ହାତୀପାଦ, କୀର୍ତ୍ତିପୁର, ଲହୁଡ଼ିଗାଁ, ପାଲୁର, ଷୋଳବିନ୍ଧା, ଗିରିସୋଲା, ପାଟସୁନପୁର ଆଦି ୨୦ ଗ୍ରାମର ଭଦ୍ରବ୍ୟକ୍ତିମାନେ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ ।

# ଗଜଲକ୍ଷ୍ମୀ ଭସାଣି ଉତ୍ସବ

**ବୁଗୁଡ଼ା,୧୭।୧୦(ଡି.ଏନ.ଏ.)**

ବୁଗୁଡ଼ା ସହରରେ ବୁଧବାର ରାତିରେ ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଗୁଡ଼ା ବଡ଼ଦାଣ୍ଡ, ବ୍ଲକ କଲୋନୀ ଓ ହାଇସ୍କୁଲ ଛକରେ ୪ ଦିନ ଧରି ପୂଜା ପାଉଥିବା ମା' ଗଜଲକ୍ଷ୍ମୀଙ୍କୁ ସମ୍ପୃକ୍ତ ପୂଜା କମିଟି ପକ୍ଷରୁ ବିଭିନ୍ନ ବାଦ୍ୟବାଜଣା, ବାଣ ପଟୁଆର ମଧ୍ୟରେ ସହରରେ ପରିକ୍ରମା କରାଯାଇଥିଲା। ପରେ ପୁଷ୍କରିଣୀରେ ମା'ଙ୍କ ମୂର୍ତ୍ତି ବିସର୍ଜନ କରାଯାଇଥିଲା ।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ